# NATIONAL NEWS BULLETIN (ODIA)
## 01st March - 2026
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ତାମିଲନାଡୁରେ ଆଜି ୪ ହଜାର ୪ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ ।

- କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ମାଧ୍ୟମରେ ଭାରତର ପରବର୍ତ୍ତୀ ପର୍ଯ୍ୟାୟ ସାମଗ୍ରିକ ବିକାଶ ସମ୍ଭବ; କହିଲେ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ।

- ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର କାର୍ଯ୍ୟକାରୀ କରିବେ ନୂତନ ବିହନ ଆଇନ ଓ ସଂଶୋଧିତ ସାର ଆଇନ ।

- ପଶ୍ଚିମ ଏସିଆରେ ସୃଷ୍ଟ ଭୂ-ରାଜନୈତିକ ସ୍ଥିତି ଯୋଗୁଁ ୩୫୦ଟି ଭାରତୀୟ ଘରୋଇ ବିମାନ ଉଡ୍ଡାଣ ବାତିଲ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ଟୁର୍ଣ୍ଣାମେଣ୍ଟରେ ଆଜି ୱେଷ୍ଟଇଣ୍ଡିଜ ବିପକ୍ଷରେ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ଭାରତର ନିଷ୍ପତ୍ତି ।

## ପି.ଏମ୍. - ମଦୁରାଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅପରାହ୍ଣରେ ତାମିଲନାଡୁର ମଦୁରାଇଠାରେ ୪ ହଜାର ୪ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ସେଥିମଧ୍ୟରେ କୁମ୍ଭାକୋଣାମ୍, ୟେର୍‌କଡ ଓ ଭେଲୋରଠାରେ ୩ଟି ନୂତନ ଆକାଶବାଣୀ ଏଫ୍.ଏମ୍. ରିଲେ ଟ୍ରାନ୍ସମିଟର ସ୍ଥାପନ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏହି ଟ୍ରାନ୍ସମିଟରଗୁଡ଼ିକ ମାଧ୍ୟମରେ ଆଞ୍ଚଳିକ ପ୍ରସାରଣ ସମ୍ପ୍ରସାରିତ ହେବା ସହ ନିରବଚ୍ଛିନ୍ନ ଏଫ୍.ଏମ୍. ପ୍ରସାରଣ ସୁନିଶ୍ଚିତ କରାଯାଇପାରିବ । ଏହି ଅବସରରେ ଏନ୍.ଡି.ଏ. ପକ୍ଷରୁ ସେଠାରେ ଆୟୋଜିତ ଏକ ଜନସମାବେଶକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର କାର୍ଯ୍ୟକ୍ରମ ମାଧ୍ୟମରେ ତାମିଲନାଡୁର ବିକାଶ ଯାତ୍ରାରେ ଏକ ଗର୍ବର ଅଧ୍ୟାୟ ଯୋଡ଼ିହୋଇ ଯାଇଛି । ସଂଯୋଗୀକରଣ ବ୍ୟବସ୍ଥାର ରୂପାନ୍ତରୀକରଣ, ଅର୍ଥନୀତିକୁ ପ୍ରୋତ୍ସାହନ, ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ସହିତ ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ହୋଇପାରିବ । ଏତଦ୍‌ବ୍ୟତୀତ କୃଷକମାନେ ବଜାରରେ ନିଜର ଉତ୍ପାଦ ପହଞ୍ଚାଇବା, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ତଥା

ବ୍ୟବସାୟ ଲାଗି ଦ୍ରୁତ ଗମନାଗମନ ବ୍ୟବସ୍ଥା ଆଦି ଏହିସବୁ ପ୍ରକଳ୍ପଦ୍ୱାରା ଅଧିକ ସୁଗମ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମତବ୍ୟକ୍ତ କରିଛନ୍ତି ।

## ସେମିକନ୍ କନ୍‌ଫରେନ୍ସ

କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍‌ସ ସାମଗ୍ରୀ ଉତ୍ପାଦନ ପ୍ରକ୍ରିୟା ମାଧ୍ୟମରେ ଭାରତର ପରବର୍ତ୍ତୀ ପର୍ଯ୍ୟାୟ ସାମଗ୍ରିକ ବିକାଶ ସମ୍ଭବ ବୋଲି ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ଗାନ୍ଧିନଗରଠାରେ ଗୁଜରାଟ ସେମି କନେକ୍ଟ ସମ୍ମିଳନୀ-୨୦୨୬ର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ବୈଷ୍ଣବ' ସେମିକନ୍-ଓ୍ୱାନ୍‌ର ସଫଳତା ଉପରେ ଆଲୋକପାତ କରି କହିଛନ୍ତି, ଭାରତରେ ବର୍ତ୍ତମାନ ୧୦ଟି ଉତ୍ପାଦନ ପ୍ଲାଣ୍ଟ୍ କାର୍ଯ୍ୟ ଶେଷ ହୋଇଛି । ସେମିକନ୍-୨.୦ ଅଧୀନରେ ଭାରତ ଏକ ସଶକ୍ତ ଆଧୁନିକ ଷ୍ଟାର୍ଟଅପ୍‌ର ପରିବେଶ ନିର୍ମାଣ କରିବା ସହିତ ଉତ୍ପାଦନ ଶୃଙ୍ଖଳକୁ ସମ୍ପ୍ରସାରିତ କରିବା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି । ଏଭଳି ବ୍ୟବସ୍ଥା ଜାପାନ ଭଳି ଦେଶରେ କାର୍ଯ୍ୟକାରୀ ହେଉଛି ବୋଲି ସେ କହିଛନ୍ତି । ବିଶ୍ୱ ବୈଷୟିକ ଜ୍ଞାନକୌଶଳ ଦୌଡ଼ରେ ଭାରତ ଚାଲିବାଠାରୁ ଆରମ୍ଭ କରି ଦୌଡ଼ିବା ପର୍ଯ୍ୟନ୍ତ ଶିଖିପାରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଏହି ସମ୍ମିଳନୀ ଅବସରରେ

ଗଣମାଧ୍ୟମ ସହିତ କଥାବାର୍ତ୍ତାବେଳେ ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତରେ ଥିବା ୧୦ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ୍ ମଧ୍ୟରୁ ଗତକାଲି ପ୍ରଥମ ପ୍ଲାଣ୍ଟ୍‌ରେ ଉତ୍ପାଦନ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଚଳିତ ବର୍ଷ ଶେଷସୁଦ୍ଧା ଆଉ ୩ଟି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବ । ଏହି ଅବସରରେ ଶ୍ରୀ ବୈଷ୍ଣବ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ ସହିତ ମିଳିତ ଭାବେ ଏକ ପାଞ୍ଚବର୍ଷିଆ ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ ଓ ନବସୃଜନ ନୀତିର ଉନ୍ମୋଚନ କରିଛନ୍ତି । ଏହି ନୀତି ଅନୁଯାୟୀ ସ୍ୱଦେଶୀ ଜ୍ଞାନକୌଶଳରେ ଗବେଷଣା ଏବଂ କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର ଓ କ୍ୱାଣ୍ଟମ୍ ଜ୍ଞାନକୌଶଳ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆମଦାନୀକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଏକ ହଜାର କୋଟି ଟଙ୍କାର ଏକ ସ୍ୱଦେଶୀ ଅନୁସନ୍ଧାନ ପାଣ୍ଠି ସ୍ଥାପନ କରାଯିବ ।

## ମସୌରୀ - ଶିବରାଜ ଚୌହାନ୍

ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଦୁଇଟି ପ୍ରମୁଖ ସଂସ୍କାରମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିବେ ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ କହିଛନ୍ତି । ସେଗୁଡ଼ିକ ହେଲା - ନୂତନ ବିହନ ଆଇନ ଏବଂ ସଂଶୋଧିତ ସାର ଆଇନ । ଆଜି ଉତ୍ତରାଖଣ୍ଡର ମସୌରୀଠାରେ ଏକ ସମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଦନ ଦେଇ କୃଷିମନ୍ତ୍ରୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଚାଷୀମାନଙ୍କୁ ଆଧୁନିକ

ଜ୍ଞାନକୌଶଳ ଏବଂ ସୁଦୃଢ଼ ବୈଧାନିକ ବ୍ୟବସ୍ଥା ମାଧ୍ୟମରେ ସଶକ୍ତ କରିବା ଉଦ୍ଦେଶ୍ୟରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ଏହାଦ୍ୱାରା କେବଳ କୃଷିଜାତ ଦ୍ରବ୍ୟ ଅମଳ ବୃଦ୍ଧି ହେବ ନାହିଁ; ବରଂ କୃଷକମାନଙ୍କର ଆର୍ଥିକ ସ୍ଥିତିରେ ମଧ୍ୟ ଉନ୍ନତି ଆସିପାରିବ । ଶ୍ରୀ ଚୌହାନ କହିଛନ୍ତି, ଚାଷୀମାନଙ୍କର ସୁବିଧା ଲାଗି ସରକାର ଏକ ପ୍ରମୁଖ ଡିଜିଟାଲ୍ ପ୍ଲାଟ୍‌ଫର୍ମର ଅପ୍‌ଡେଟ୍ କରୁଛନ୍ତି । ଏକ୍ ଭାରତ ପଦକ୍ଷେପ ଅଧୀନରେ କୃତ୍ରିମ ବୁଦ୍ଧିମତ୍ତା ଭିତ୍ତିକ ବ୍ୟବସ୍ଥାର ବିକାଶ କରାଯାଉଛି । ଏହାଦ୍ୱାରା ଗୋଟିଏ ସ୍ଥାନରେ ଚାଷୀମାନେ ସମସ୍ତ ତଥ୍ୟ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ଶ୍ରୀ ଚୌହାନ କହିଛନ୍ତି ।

## ପି.ଏମ୍. - କାନାଡ଼ା ପି.ଏମ୍. ଟକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ନୂଆଦିଲ୍ଲୀରେ ତାଙ୍କର କାନାଡ଼ା ପ୍ରତିପକ୍ଷ ମାର୍କ କାର୍ନେ’ଙ୍କ ସହିତ ପ୍ରତିନିଧିସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କରିବେ । ନୂଆଦିଲ୍ଲୀର ହାଇଦ୍ରାବାଦ୍ ହାଉସ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଉଚ୍ଚସ୍ତରୀୟ ବୈଠକରେ ଉଭୟ ନେତା ବିବିଧ କ୍ଷେତ୍ରରେ ଭାରତ-କାନାଡ଼ା ରଣନୈତିକ ଭାଗିଦାରୀର ଏପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ସମୀକ୍ଷା କରିବେ । ଏତଦ୍‌ବ୍ୟତୀତ ବାଣିଜ୍ୟ ଓ ପୁଞ୍ଜିନିବେଶ, ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜଦ୍ରବ୍ୟ, କୃଷି, ଶିକ୍ଷା, ଗବେଷଣା, ନବସୃଜନ ଏବଂ

ଜନସମ୍ପର୍କ ସମେତ ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସହଯୋଗର ଅଗ୍ରଗତି ଉପରେ ମଧ୍ୟ ଏହି ବୈଠକରେ ଆଲୋଚନା କରାଯିବ । ସେହିଭଳି ଉଭୟ ଦେଶର ପ୍ରଧାନମନ୍ତ୍ରୀ ଏହି ଅବସରରେ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ କାନାଡ଼ା ପ୍ରଧାନମନ୍ତ୍ରୀ ମିଳିତ ଭାବେ ଭାରତ-କାନାଡ଼ା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଫୋରମ୍‌ରେ ଉଦ୍‌ବୋଧନ ଦେବେ ।

ପ୍ରଧାନମନ୍ତ୍ରୀ ଶ୍ରୀ କାର୍ନେ ଗତବର୍ଷ ମାର୍ଚ୍ଚ ମାସରେ ନିଜ ଦାୟିତ୍ୱ ନେବା ପରଠାରୁ ଏହା ହେଉଛି ତାଙ୍କର ପ୍ରଥମ ଭାରତ ଗସ୍ତ । ଉତ୍ତର ଆମେରିକାର କାନାଡ଼ା ହେଉଛି ବାଣିଜ୍ୟ, ବୈଷୟିକ ଜ୍ଞାନକୌଶଳ, ଶିକ୍ଷା ଓ ଜନସମ୍ପର୍କ ଭଳି କ୍ଷେତ୍ରରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଦେଶ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପ୍ରେଜ୍ - ଲକ୍ଷପତି ବିଟିୟା ଯୋଜନା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀରେ ଦିଲ୍ଲୀ ଲକ୍ଷପତି ବିଟିୟା ଯୋଜନାର ଶୁଭାରମ୍ଭ କରିବେ । ଏ ସମ୍ପର୍କରେ ସୂଚନା ଦେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି, ଏହି ଯୋଜନାର ହିତାଧିକାରୀ ଥିବା କନ୍ୟା ସନ୍ତାନ ନାମରେ ମୋଟ୍ ୫୬ ହଜାର ଟଙ୍କା ଜମା କରାଯିବ । ସମ୍ପୃକ୍ତ ହିତାଧିକାରୀଙ୍କୁ ୨୧ ବର୍ଷ ହେବା ସମୟରେ ଏହି ଅର୍ଥର ମ୍ୟାଚୁରିଟି ପରିମାଣ

୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବାର ଆଶା କରାଯାଉଛି । ସମୟ ସହିତ ତାଳ ଦେଇ ଏବଂ ଉଚ୍ଚଶିକ୍ଷା ଲାଗି ଖର୍ଚ୍ଚ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଏଭଳି ଏକ ପ୍ରଭାବଶାଳୀ ତଥା ଭବିଷ୍ୟତ ଉପଯୋଗୀ ଯୋଜନା ବାଳିକାମାନଙ୍କ ଲାଗି ଆବଶ୍ୟକ ଥିଲା । ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନର ଲାଡ୍‌ଲୀ ଯୋଜନାକୁ ସମ୍ପ୍ରସାରିତ ତଥା ପୁନର୍ଗଠନ କରାଯାଇ ଦିଲ୍ଲୀ ଲକ୍ଷପତି ବିଟିୟା ଯୋଜନାରେ ନାମିତ କରାଯାଇଛି ବୋଲି ଶ୍ରୀମତୀ ଗୁପ୍ତା କହିଛନ୍ତି ।

## ଫ୍ଲାଇଟ୍‌ସ କ୍ୟାନ୍‌ସେଲ୍

ପଶ୍ଚିମ ଏସିଆରେ ସୃଷ୍ଟ ଭୂ-ରାଜନୈତିକ ସ୍ଥିତି ଯୋଗୁଁ ୩୫୦ଟି ଭାରତୀୟ ଘରୋଇ ବିମାନ ଉଡ଼ାଣକୁ ବାତିଲ କରାଯାଇଛି । ଯାତ୍ରୀମାନେ ସମ୍ପୃକ୍ତ ଏୟାର୍ ଲାଇନ୍‌ସର ସଦ୍ୟତମ ସ୍ଥିତି ସମ୍ପର୍କରେ ଅବଗତ ହେବା ସହ ଯେକୌଣସି ପ୍ରକାର ସହାୟତା ଲାଗି ସେମାନଙ୍କ ସହ ଯୋଗାଯୋଗରେ ରହିବା ନିମନ୍ତେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏୟାର୍ ଲାଇନ୍ସ, ବିମାନ ବନ୍ଦର ଅପରେଟର୍ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷା କରାଯିବା ସହିତ ଯାତ୍ରୀମାନଙ୍କୁ ସୁବିଧା ଯୋଗାଇଦେବା ଲାଗି ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ଜି.ଏସ୍.ଟି. କଲେକ୍ସନ

ଦେଶରେ ଗତମାସରେ ଦ୍ରବ୍ୟ ଓ ସେବାକର-ଜି.ଏସ୍.ଟି. ବାବଦରେ ମୋଟ୍ ୧ ଲକ୍ଷ ୮୩ ହଜାର କୋଟି ଟଙ୍କା ସଂଗ୍ରହ ହୋଇଛି। ଗତବର୍ଷ ତୁଳନାରେ ଏହା ୮ ଦଶମିକ ଏକ ପ୍ରତିଶତ ବୃଦ୍ଧି ପାଇଛି। ଗତବର୍ଷ ଫେବୃୟାରୀ ମାସରେ ଜିଏସ୍‌ଟି ବାବଦରେ ମୋଟ୍ ୧ ଲକ୍ଷ  ୬୯ ହଜାର କୋଟି ଟଙ୍କା ସଂଗ୍ରହ ହୋଇଥିଲା। ଚଳିତବର୍ଷ କେନ୍ଦ୍ରୀୟ ଜିଏସ୍‌ଟି ବାବଦରେ ୩୭ ହଜାର ୪୭୩ କୋଟି ଟଙ୍କା ଏବଂ ରାଜ୍ୟ ଜିଏସ୍‌ଟି ବାବଦରେ ୪୫ ହଜାର ୯୦୦ କୋଟି ଟଙ୍କା ସଂଗ୍ରହ କରାଯାଇଛି।

## ଇରାନ୍ - ଇଣ୍ଟେରିମ୍ ସୁପ୍ରିମ୍ ଲିଡର

ବରିଷ୍ଠ ଧର୍ମଗୁରୁ ଆୟାତୋଲ୍ଲା ଆଲିରେଜା ଆରାଫି’ ଇରାନ୍‌ର ଅସ୍ଥାୟୀ ସର୍ବୋଚ୍ଚ ନେତା ଭାବେ କାର୍ଯ୍ୟ କରିବେ । ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲି ଖାମେନିଙ୍କ ମୃତ୍ୟୁ ପରେ ଆରାଫିଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ସ୍ଥାନୀୟ ସମ୍ବାଦ ସରବରାହ ସଂସ୍ଥା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆୟୋତୋଲ୍ଲା ଆଲିରେଜା ଆରାଫିଙ୍କୁ ଅସ୍ଥାୟୀ ନେତୃତ୍ୱ ପରିଷଦର ନ୍ୟାୟିକ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି । ଇରାନ୍‌ର ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ସର୍ବୋଚ୍ଚ ନେତାଙ୍କର ଉତ୍ତରାଧିକାରୀ ଚୟନ ନ ହେବା ପର୍ଯ୍ୟନ୍ତ

ଏଭଳି ଅସ୍ଥାୟୀ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥାଏ । ଏହି ଅସ୍ଥାୟୀ ପରିଷଦରେ ରାଷ୍ଟ୍ରପତି, ମୁଖ୍ୟ ବିଚାରପତି ଏବଂ ଜଣେ ଧର୍ମଗୁରୁ ସଦସ୍ୟ ହୋଇଥା'ନ୍ତି । ଖାମେନିଙ୍କ ମୃତ୍ୟୁ ପରେ ଏହି ପରିଷଦ ମିଳିତ ଭାବେ ଦେଶର ନେତୃତ୍ୱ କରିବାର ବ୍ୟବସ୍ଥା ସେ ଦେଶର ସମ୍ବିଧାନରେ ଉଲ୍ଲେଖ ରହିଛି ।

## ପ୍ରେଜ - ନାଗପୁର ଇନ୍ସିଡେଣ୍ଟ

ମହାରାଷ୍ଟ୍ରର ନାଗପୁରସ୍ଥିତ ଏକ କାରଖାନାରେ ବିସ୍ଫୋରଣ ଯୋଗୁଁ ପ୍ରାୟ ୧୭ ଜଣଙ୍କର ମୃତ୍ୟୁ ହେବା ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ମୃତକଙ୍କ ନିକଟସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଶ୍ରୀ ମୋଦି ଘୋଷଣା କରିଛନ୍ତି ।

ନାଗପୁରର ରାଉଲଗାଓଁସ୍ଥିତ ଏସ୍.ବି.ଏଲ୍. ଏନର୍ଜି ଲିମିଟେଡ୍‌ରେ ଏକ ବଡଧରଣର ବିସ୍ଫୋରଣ ଘଟିଥିଲା । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟରେ ସହଯୋଗ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଫଡନବିଶ ଏହି ଘଟଣାରେ ଦୁଃଖପ୍ରକାଶ କରିବା ସହ ପ୍ରାଣ ହରାଇଥିବା ଶ୍ରମିକଙ୍କ ପରିବାର ପାଇଁ ୫ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି ।

## ଟି-୨୦ କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-୨୦ ବିଶ୍ୱକପ କ୍ରିକେଟ ପ୍ରତିଯୋଗିତାରେ ବର୍ତ୍ତମାନ ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମ୍ୟାଚ୍ ଜାରି ରହିଛି । କୋଲକାତାର ଇଡେନ୍ ଗାର୍ଡେନ୍ସଠାରେ ସଂଧ୍ୟା ୭ଟାରେ ଆରମ୍ଭ ହୋଇଥିବା ଗ୍ରୁପ୍-୮ ପର୍ଯ୍ୟାୟର ଏହି ଅନ୍ତିମ ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ଫିଲ୍‌ଡିଂ କରିବାର ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ସମୟରେ ୱେଷ୍ଟଇଣ୍ଡିଜ୍ ୪ ଓଭର୍‌ରେ କୌଣସି ୱିକେଟ୍ ନ ହରାଇ ୨୮ ରନ୍ କରିଛି । ଏହି ମ୍ୟାଚ୍‌ର ବିଜେତା ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେବେ ।

ଆଜି ଅପରାହ୍ଣ ୩ଟାରେ ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଜିମ୍ବାୱେକୁ ୫ ୱିକେଟ୍‌ରେ ପରାସ୍ତ

କରିଛି । ଟସ୍ ଜିତିବା ପରେ ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୧୫୩ ରନ୍ କରିଥିଲା । ୧୫୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୧୭ ଓଭର ୫ଟି ବଲ୍‌ରେ ୫ ଓ୍ବିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା । ଜିମ୍ବାୱେରେ ସିକନ୍ଦର ରାଜା ୭୩ ରନ୍ କରିବା ସହିତ ୩ଟି ଓ୍ବିକେଟ୍ ଅକ୍ତିଆର କରି ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଆସନ୍ତା ୪ ଏବଂ ୫ ତାରିଖରେ ସେମିଫାଇନାଲ ଏବଂ ୮ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

*****